# ତହସିଲଦାର, ଟିଟିଲାଗଡଙ୍କ କାର୍ଯ୍ୟାଳୟ

ବିଜ୍ଞପ୍ତି ସଂଖ୍ୟା ୨୪୫୧ ତାରିଖ - ୧୧.୧୦.୨୨

**ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତାହାର**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଟିଟିଲାଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ (ପଥର ଖଣି ଏବଂ ବାଲି ଘାଟ) ଗୁଡିକର ଆସନ୍ତା ୫ (ପାଂଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଟିଟିଲାଗଡଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rule-2016 ର FORM-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ୍ ସଂଲଗ୍ନ କରି (Sealed Cover) ରେ ଉପ୍ୱର ନାମ ଲେଖି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୧୨.୧୦.୨୦୨୨ ଠାରୁ ୨୬.୧୦.୨୦୨୨ ରିଖ ଅପରାହ୍ନ ଘ. ୫.୦୦ ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା Drop Box ରେ ପକାଇ ପାରିବେ ଏବଂ ଡାକ ଦ୍ୱାରା ମଧ ଆବେଦନ କରି ପାରିବେ ଏବଂ ତା. ୨୭.୧୦.୨୦୨୨ ରିଖ ମଧାହ୍ନ ଘ. ୧୨.୦୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ୱା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସୈରାତ ଉତ୍ସ ଗୁଡିକ ପ୍ରଥମ ଦିନ ଚୁଡାନ୍ତ ହୋଇ ନ ପାରିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଥର ତା. ୨୮.୧୦.୨୦୨୨ ରୁ ୦୩.୧୧.୨୦୨୨ ରିଖ ଏବଂ ତୃତୀୟ ଥର ପାଇଁ ତା. ୦୪.୧୧.୨୦୨୨ ରୁ ୧୦.୧୧.୨୦୨୨ ରିଖ ଦିନ ଘ. ୦୩.୦୦ ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ତା. ୦୩.୧୧.୨୦୨୨ ଓ ୧୦.୧୧.୨୦୨୨ ରିଖ ଅପରାହ୍ନ ଘ. ୦୪.୦୦ ସମୟରେ ଲିଜ ଦରଖାସ୍ତକାରୀ କିମ୍ୱା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । FORM-M ବ୍ୟତୀତ ଅନ୍ୟକୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

**ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍**

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ
*("0853-Non-ferrous mining &Metllurgical 102-mineral Concession fees ,rents & royalties-0217- receipts under Odisha minor Minerals concession fees (new)-02021-collection offees, rents & royalties (new)"*

୩. କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୪. Income Tax Clearance କିମ୍ୱା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ ।
(ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ website : www.balangir.nic.in କିମ୍ୱା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ)

୫. Solvency Certificate ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ୱା ବ୍ୟାଙ୍କ ଗ୍ୟାରେଂଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ {Minimum Guaranteed Quantity x (Royalty + Additional Charges)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସଂପତିର ପ୍ରମାଣପତ୍ର ଦାଖଲ କରିବେ ।

୬. Income Tax Clearance କିମ୍ୱା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ ।
(ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ website : www.balangir.nic.in କିମ୍ୱା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ)

ତହସିଲଦାର, ଟିଟିଲାଗଡ
Tahasildar
Titilagarh

## ସର୍ତ୍ତାବଳୀ

୭. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC (Ammendment) Rule-2016 ପରିସର ଭୁକ୍ତ ରହିବେ।

୮. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମ ଧାରିଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ।

୯. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ।

୧୦. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୧୧. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ।

୧୨. ଲିଜରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୩. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୪. ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ୍ ପ୍ଲାନ (Mining Plan) ବାବଦକୁ ଟ. ୪୦,୦୦୦/- ଏବଂ ଯଦି ପରିବେଷ ସମ୍ବନ୍ଧୀୟ ଅନୁମତି (EC) ହାସଲ ହୋଇଥିବ ତାହାର ଖର୍ଚ୍ଚ ଦାଖଲ କରିବେ ନଚେତ୍ ଲିଜ୍ ବାତିଲ୍ କରାଯିବ ।

୧୫. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶିକୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣି ସାରିଲା ପରେ ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡ଼ିଶା ଖଣି ଆକ୍ଟ ୧୯୦୮ ଓ ପ୍ଲାନ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର **(Lease Deed)** ସଂପାଦନ କରିବେ।

୧୬. ଲିଜ ଧାରୀ ଲିଜ୍ ବାବଦକୁ ରୟାଲ୍ଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାର୍‌ଙ୍କ ପାଖରେ ଦାଖଲ କରିବେ ।

୧୭. ଲିଜଧାରୀ ରୋୟଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ।

୧୮. ଯଦି ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ହୋଇ ନ ଥିବ ତା ହେଲେ ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୯. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୨୦. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ।

୨୧. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୨୨. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୨୩. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୨୪. ଜମା ରୟାଲଟିର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୨୫. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ ପଇଠ କରିବାକୁ ପଡିବ।

୨୬. ଲିଜ ଅବଧି ମଧ୍ୟରେ Shedule-II ରେ ଉଲ୍ଲେକ୍ଷିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୭. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

ତହସିଲଦାର, ଟିଟିଲାଗଡ
Tahasildar
Titilagarh

Memo No. 2842 / Dt. 11.10.22

Copy to Collector, Balangir/ Sub-Collector, Titilagarh / All Tahasildars of Titilagarh Sub-Division/ All Blocks of Titilagarh Sub-Division/ Titilagarh Muncipality/ All Gram-Panchayats/ Dy. Director of Mines, Balangir/ Sub-Divisional Forest Officer, Titilagarh/ Regional Office, Pollution Control Board, Balangir/ Asst. Executive Engineer,RWSS, Titilagarh for information and they are requested to publish the notice in their Office Notice Board.

11.10.22

Tahasildar, Titilagarh

Memo No. 2843 / Dt. 11.10.22

Copy to D.I.O. NIC, Collectorate, Balangir for hosting the copy of the notice in the District Web Site.

11.10.22

Tahasildar, Titilagarh

## ସୈରାତ ଉତ୍ସର ବିବରଣୀ

| କ୍ର. ସଂ. | କେସ୍ ନମ୍ବର | ଉତ୍ସର ନାମ | ପ୍ରକାର | ଖାତା ନମ୍ବର | ପ୍ଲଟ ନମ୍ବର | ଏରିଆ | କିସମ | ରୟାଲ୍ଟି ଦର | ଅତିରିକ୍ତ ଦର | ଅନ୍ୟୁନ ଉତୋଳନ ପରିମାଣ | ଅମାନତ ଅଗ୍ରୀମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ |
|---|---|---|---|---|---|---|---|---|---|---|---|
| ୧ | ୧୮/୨୦୨୦ | ଗନ୍ଧରଗଲା | ବାଲି ଘାଟ | ୫୪ | ୧୬୦/୭୬୬ ଏବଂ ୨୭ | ଏ ୯.୦୦ | ଯୋର ଏବଂ ନଦୀ | ୩୫/- | ୧୦୯/- | ୨୦୦୦ | ୧୪,୪୦୦.୦୦ |
| ୨ | ୦୨/୨୦୨୧ -୨୨ | ବୁର୍ଡିପଡ଼ା-ଗ | ପଥର ଖାଦାନ | ୧୮୯ | ୧୨୨୬ | ଏ ୪.୦୦ ମାର୍କ ଗ | ପଥର ଚଟାଣ | ୧୩୦/- | ୨୬/- | ୪୦୦୦ | ୩୧,୨୦୦.୦୦ |
| ୩ | ୦୧/୨୦୨୨ -୨୩ | କୋତମରା-୧ | ପଥର ଖାଦାନ | ୧୦୮ | ୪୮୭ | ଏ ୧.୫୦ ମାର୍କ- କ | ପଥର ଚଟାଣ | ୧୩୦/- | ୨୦/- | ୮୧୦ | ୬,୦୭୫.୦୦ |
| ୪ | ୧୩/୨୦୨୦ -୨୧ | କୋତମରା-୨ | ପଥର ଖାଦାନ | ୧୦୮ | ୪୮୭ | ଏ ୧.୫୦ ମାର୍କ- ଖ | ପଥର ଚଟାଣ | ୧୩୦/- | ୧୫/- | ୧୬୨୦ | ୧୧,୭୪୫.୦୦ |

ତହସିଲଦାର, ଟିଟିଲାଗଡ
Tahasildar
Titilagarh

# ତହସିଲଦାର ଙ୍କ କାର୍ଯ୍ୟାଳୟ, ଟିଟିଲାଗଡ

**ଲଘୁ ଖଣିଜ ଲିଜ ନିମନ୍ତେ**

**ସଂଖ୍ୟା...2845.......ତା...11.10.22...ରିଖ**

**<u>ବିଜ୍ଞାପନ</u>**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ ତହସିଲ ଅଧିନରେ ଥିବା ବିଭିନ୍ନ ସୈରାତ ଉତ୍ସ ଗୁଡିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ସୈରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବସାଇଟ "http://balangir.nic.in" ସୈରାତ ଅଧିନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

11.10.22

ତହସିଲଦାର, ଟିଟିଲାଗଡ
Tahasildar
Titilagarh

ପରିପତ୍ରସଂଖ୍ୟା ..........2845..........ତା.........11.10.22..........

ଉପରୋକ୍ତ ବିଜ୍ଞାପନ ର ଏକକିତା ନକଲ ସଂପାଦକ, ପ୍ରମେୟ, ସମ୍ବଲପୁର/ ସମାଜ, ସମ୍ବଲପୁର ଙ୍କ ଅବଗତି ତଥା ଦୈନିକ କାଗଜରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

11.10.22

ତହସିଲଦାର, ଟିଟିଲାଗଡ
Tahasildar
Titilagarh